## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଢେଙ୍କାନାଳ ଦ୍ୱାରା ଦିବ୍ୟାଙ୍ଗ ଦିବସ ଅବସରରେ ସଚେତନତା ଶିବିର

ଅଦ୍ୟ ତା-୦୩.୧୨.୧୯ ରିଖ ଦିନ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଢେଙ୍କାନାଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଙ୍କ ମିଳିତ ଆନୁକୂଲ୍ୟରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପରିପ୍ରେକ୍ଷୀରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା । ତତ୍ ସଙ୍ଗେ ସଙ୍ଗେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରକୁ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବାପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ମଳୟ ରଂଜନ ଦାଶ ଉଦଘାଟନ କରିବା ଅବସରେର ଉପସ୍ଥିତ ଦିବ୍ୟାଙ୍ଗ ପିଲା ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଉପଦେଶ ଦେବା ସଙ୍ଗେ ସଙ୍ଗେ ଦିବ୍ୟାଙ୍ଗ ମାନଙ୍କର ମୌଳିକ ଅଧିକାର ଏବଂ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ସମୂହ ଆଲୋଚନା କରିଥିଲେ । ଏବଂ ନିଖୁଣ ଭାବରେ ଧ୍ୟାନଦେଇ ଆଇନ ଗତ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ, ସ୍ଥାୟୀ ଲୋକ ଅଦାଲତର ବିଚାରପତି ଶ୍ରୀ ବିରଂଚି କୁମାର ରଥ ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା, ବିଚାରପତି ପରିବାର ଅଦାଲତ ଶ୍ରୀ ଦିପ୍ତି ରଂଜନ କାନୁନ୍‌ଗୋ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀ ସଞ୍ଜିତ୍ କୁମାର ବେହେରା, ବରିଷ୍ଠ ଦେଓାନୀ ବିଚାରପତି ଶ୍ରୀମତି ଅଞ୍ଜନା ସାଇଁ, ବରିଷ୍ଠ ଦେଓାନୀ ବିଚାରପତି ( ମହିଳା ଅଦାଲତ) ଶ୍ରୀମତୀ ଗିତାଂଜଳ ନନ୍ଦ , ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଅଭିଜିତ୍ କୁମାର ପୁରୋହିତ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ/ ନିଶା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଢେଙ୍କାନାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧୀକାରୀ ଶ୍ରୀ ପ୍ରସନ୍ନ କୁମାର ମଲିକ ଦିବ୍ୟଙ୍ଗ ମାନଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏତଦ୍ ବ୍ୟତିତ ଜିଲ୍ଲା ଓକିଲ ସଙ୍ଘର ସଦସ୍ୟ ଶ୍ରୀ ମଳୟ ପାଣିଗ୍ରାହୀ, ଜିଲ୍ଲା ଓକିଲ ସଙ୍ଘର ସମ୍ପାଦକ ଶ୍ରୀ ଟଙ୍କଧର ବେହେରା ଢେଙ୍କାନାଳ ଜିଲ୍ଲା ବଧୀର ସଂଘର ସବାପତି ମନୋରଂଜନ ସାମଲ, ଉପସଭାପତି ବସନ୍ତ କୁମାର ପଟ୍ଟନାୟକ ଓ ପ୍ରଣବ ଦାସ, ପୃଷ୍ଟପୋଷକ ଦୀପକ ପ୍ରସାଦ ପଟ୍ଟନାୟକ, ସାଧାରଣ ସଂପାଦକ ଅକ୍ଷୟ କୁମାର ଶତପଥୀ, ମୌଖିକ ଅନୁବାଦକ ସୋନାଲି ସାମଲ ଓ ଅନ୍ୟାନ୍ୟ ସଭ୍ୟା ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଅରୁଣ ପଟ୍ଟନାୟକ ପରିଚାଳନା କରିଥିଲେ । ଏହି ପରିପେକ୍ଷିରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବାପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ମଳୟ ରଂଜନ ଦାଶ ନେର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବଙ୍କ ପ୍ରଚେଷ୍ଟାରେ ଜିଲ୍ଲା ପ୍ରସାଶନ ଦ୍ୱାରା ପ୍ରତିଦିନ କୋର୍ଟକୁ ଆସୁଥିବା ଦିବ୍ୟାଙ୍ଗ ମାନଙ୍କ କୋର୍ଟ ପରିସରରେ ଯାତାୟତ ପାଇଁ ୨ଟି ଚକ ଲଗା ଚୌକି ଯୋଗାଇଦେଇଥିଲେ । ଏହି ଚକ ଲଗା ଚୌକି କୁ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବାପ୍ରାଧିକରଣର ଅଧ୍ୟକ୍ଷ ଉଦ୍‌ଘାଟନ କରିଥିଲେ ।

Sd/-
Secretary
District Legal Services Authority
Dhenkanal